ଭାକୃଅନୁପ
ICAR

# କୃଷିଶ୍ରୀ

କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁର, ନିମକାଣା
Krishi Vigyan Kendra, Jagatsinghpur, Nimakana

ଏକାଦଶ ବର୍ଷ, ଦ୍ୱିତୀୟ ସଂଖ୍ୟା | ଅପ୍ରେଲ-ସେପ୍ଟେମ୍ବର ୨୦୧୯, ଷାଣ୍ମାସିକ

## ଜିଲ୍ଲାପାଳଙ୍କ ଲେଖନୀରୁ....



ଜଗତସିଂହପୁର ଜିଲ୍ଲା ଓଡିଶା ରାଜ୍ୟର ଏକ ପ୍ରମୁଖ ତଥା ମହତ୍ୱପୂର୍ଣ୍ଣ ଜିଲ୍ଲା ରୂପେ ସୁଖ୍ୟାତି ଅର୍ଜନ କରିଛି । ବହୁ ଘାତପ୍ରତିଘାତ ତଥା ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମଧ୍ୟ, ଏହି ଜିଲ୍ଲାର ଚାଷୀକୁଳ ସଦାସର୍ବଦା ଉନ୍ନତିର ଶିଖରକୁ ଯିବା ପାଇଁ ପ୍ରତିବଦ୍ଧତାର ସହ କୃଷି କାର୍ଯ୍ୟ କରିଆସୁଛନ୍ତି । ସରକାର, ଗ୍ରାମୀଣ ବିକାଶକୁ ପ୍ରମୁଖ ଗୁରୁତ୍ୱ ଦେଇ ଆସୁଥିବାରୁ, ଏଥିସହିତ ଜଡିତ କୃଷି କାର୍ଯ୍ୟକୁ ମଧ୍ୟ ତ୍ୱରାନ୍ୱିତ କରିବା ପାଇଁ ସଦାସର୍ବଦା ଚେଷ୍ଟା କରିଆସୁଛନ୍ତି । ତଥାପି, ଉଚିତ ସଂପ୍ରସାରଣର ଅଭାବ ତଥା ସଠିକ ସମୟରେ ପ୍ରମୁଖ କୃଷି ଉପାଦାନଗୁଡିକ ଉପଲବ୍ଧ ନ ହେବା ଦ୍ୱାରା କୃଷକମାନେ ଯଥୋଚିତ ଉପାର୍ଜନ କରିପାରୁ ନାହାନ୍ତି । ତତ୍‌ସହିତ, ଉପଯୁକ୍ତ ବଜାରଦର ତଥା ବିକ୍ରିବଟାରେ ଅନିୟମିତତା ଚାଷୀକୁଳକୁ ହତୋତ୍ସାହିତ କରୁଅଛି । ଆନୁସଙ୍ଗୀକ କୃଷି ଯଥା ଗୋମହିଷାଦି, ଛେଳି ଓ କୁକୁଡା ପାଳନ, ମାଛଚାଷ, ଛତୁଚାଷ ଏବଂ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରକ୍ରୀୟାକରଣକୁ ପ୍ରୋତ୍ସାହନ ଦେଲେ ଚାଷୀମାନେ ନିଶ୍ଚିତ ରୂପେ ଉପକୃତ ହୁଅନ୍ତେ । କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁର ଜିଲ୍ଲାରେ ଥିବା କୃଷକ ତଥା କୃଷିଜୀବୀ ମହିଳାମାନଙ୍କ ପାଖରେ ନୂତନ ବୈଜ୍ଞାନିକ ଜ୍ଞାନକୌଶଳଗୁଡିକର ସଫଳ ସମ୍ପ୍ରସାରଣ କରିବା ପାଇଁ ସର୍ବଦା ଚେଷ୍ଟିତ । ଏହି ଷାଣ୍ମାସିକ ସମାଚାର ପତ୍ରିକା 'କୃଷିଶ୍ରୀ' କୃଷକମାନଙ୍କୁ କେନ୍ଦ୍ର ଦ୍ୱାରା ସଂଯୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନାଗୁଡିକ ସମ୍ବନ୍ଧରେ ଅବଗତ କରାଇବା ସଙ୍ଗେ ସଙ୍ଗେ ସେମାନଙ୍କର କୃଷିରେ ବୈଷୟିକଜ୍ଞାନ କୌଶଳର ଉନ୍ନତି ଆଣିବା ପାଇଁ ସଦାସର୍ବଦା ଚେଷ୍ଟିତ । କେନ୍ଦ୍ର ପ୍ରକାଶିତ ଏହି ସମାଚାର ପତ୍ରିକାର ଉତ୍ତରୋତ୍ତର ଉନ୍ନତି କାମାନ କରୁଅଛି ।

ସଂଗ୍ରାମ ୮.୧.୨୦୨୦

(ସଂଗ୍ରାମ କେଶରୀ ମହାପାତ୍ର) ଜିଲ୍ଲାପାଳ

## ସମ୍ପ୍ରସାରଣ ଅଧ୍ୟକ୍ଷଙ୍କ କଲମରୁ....



ମାନବର ବିକାଶ ପାଇଁ କୃଷି ଓ ଶିକ୍ଷା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱପରି ପରିପୂରକ । କୃଷିଭିତ୍ତିକ ଶିକ୍ଷା ହିଁ ଦେଶର ଅର୍ଥନୀତିରେ ଅଭିବୃଦ୍ଧି ଆଣିବା ସାଙ୍ଗକୁ କର୍ମ ନିଯୁକ୍ତି, ମୂଲ୍ୟଯୁକ୍ତ ପଦାର୍ଥର ଉପଲବ୍ଧି, କୃଷକଙ୍କୁ ପ୍ରାପ୍ୟ ଦେବାରେ ସହାୟକ ହୋଇଥାଏ । ବର୍ଷାରୁ ଜଳ, ଜଳରୁ ଅନ୍ନ, ଅନ୍ନରୁ ପ୍ରାଣ ସର୍ବଜନ ବିଦିତ ଅଟେ । ଆଜି ପରିବର୍ତ୍ତନଶୀଳ ଜଳବାୟୁ କୃଷି ପ୍ରତି ଆହ୍ୱାନ ସୃଷ୍ଟି କରିଅଛି ।

ଅତଏବ କୃଷିଜୀବୀମାନଙ୍କୁ ପ୍ରତି ପଦକ୍ଷେପ ପରେ ସତର୍କତା ଅବଲମ୍ବନ କରିବାକୁ ପଡିବ । କୃଷି ବିଜ୍ଞାନ କେନ୍ଦ୍ର ଏ ଦିଗରେ ନିଶ୍ଚିତ ଭାବରେ ସହାୟକ ହେବ । ଏହି କେନ୍ଦ୍ରରେ ଥିବା ବୈଜ୍ଞାନିକମାନେ କ୍ଷେତ୍ର ପରୀକ୍ଷଣ, ଆଗୁଆ ଧାଡି ପ୍ରଦର୍ଶନ ଓ ତାଲିମ ଇତ୍ୟାଦି ମାଧ୍ୟମରେ କୃଷକ ଭାଇ ଓ ଭଉଣୀ, ବେକାର ଯୁବକ ଯୁବତୀ, କୃଷି ଓ ଆନୁସଙ୍ଗିକ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇତ୍ୟାଦିର ନୂତନ ଓ ଆଧୁନିକ ଜ୍ଞାନକୌଶଳର ଆବଶ୍ୟକତା ପୂରଣ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି । କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ପ୍ରକାଶ ପାଉଥିବା ଏହି ତ୍ରୈମାସିକ ସମାଚାରପତ୍ର 'କୃଷିଶ୍ରୀ'ର ପ୍ରକାଶନରେ ମୁଁ ଆନନ୍ଦିତ ହେବା ସାଙ୍ଗକୁ ପତ୍ରିକାର ସନ୍ଦେଶ କୃଷକମାନଙ୍କର ଜ୍ଞାନକୁ ଅଭିବୃଦ୍ଧି କରିବାରେ ସହାୟ ହେବ ବୋଲି ମୋର ଆଶା ଓ ବିଶ୍ୱାସ । ସମାଚାର ପତ୍ର "କୃଷିଶ୍ରୀ"ର ନିୟମିତ ପ୍ରକାଶନ ଓ ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

ପ୍ରଭାତ କୁମାର ରାଉଳ

ଅଧକ୍ଷ, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ (ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ)

## ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟଙ୍କ ଲେଖନୀରୁ...



ଜଗତସିଂହପୁର ଜିଲ୍ଲାର ଚାଷୀଭାଇ ଓ ଭଉଣୀମାନଙ୍କର ସ୍ନେହଶ୍ରଦ୍ଧାକୁ ପ୍ରତ୍ୟୟ କରି ଆମ କୃଷି ବିଜ୍ଞାନ କେନ୍ଦ୍ରର ସମାଚାର ପତ୍ର 'କୃଷିଶ୍ରୀ' ନୂତନ ଉତ୍ସାହ ଓ ଉଦ୍ଦୀପନା ସହିତ ପ୍ରକାଶ ହେବାକୁ ଯାଉଛି । ଏହାର ପ୍ରକାଶନ ଅବସରରେ ମୁଁ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ତଥା ଆମକୁ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ କ୍ଷେତ୍ରରେ ନିରନ୍ତର ସହଯୋଗ କରୁଥିବା ଚାଷୀଭାଇ ଓ ଭଉଣୀମାନଙ୍କୁ କୃତଜ୍ଞତା ଜଣାଉଛି । ଚାଷୀଭାଇ ତଥା ବିଶେଷଜ୍ଞମାନଙ୍କର ଉପାଦେୟ ମତାମତ ଓ ପ୍ରତିକ୍ରିୟା ଆମମାନଙ୍କୁ ସଦାସର୍ବଦା ଦିଗଦର୍ଶନ ଦେଇ ଆସୁଅଛି । ଏତଦବ୍ୟତୀତ ଚାଷୀଭାଇ ଓ ଭଉଣୀମାନଙ୍କୁ ମୋର ଅନୁରୋଧ ଯେ ଆପଣମାନେ ବିଭିନ୍ନ ବୈଜ୍ଞାନିକ ପଦ୍ଧତିକୁ ଜମିରେ ପ୍ରୟୋଗ କରିବା ପାଇଁ କେନ୍ଦ୍ରର ବୈଜ୍ଞାନିକମାନଙ୍କ ସହିତ ସଦାସର୍ବଦା ଯୋଗାଯୋଗ ରକ୍ଷାକରନ୍ତୁ । କେନ୍ଦ୍ର ଦ୍ୱାରା ପ୍ରକାଶିତ 'କୃଷିଶ୍ରୀ' ସମାଚାର ପତ୍ରିକାର ପ୍ରକାଶନ ଅବସରରେ ମୁଁ କେନ୍ଦ୍ରର ସମସ୍ତ କର୍ମକର୍ତ୍ତାମାନଙ୍କୁ ମୋର ସାଧୁବାଦ ଜଣାଉଛି ।

ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର